# Akashvani, Sambalpur

## SAMBALPURI NEWS EVENING BULLETIN

## 11 March 2026-7.02- 7.12 pm.

---

୧- ଦକ୍ଷିଣ୍ ଆଉ ପୂର୍ବ ଭାରତ୍ ଭିତ୍‌ରେ ରେଲ୍ ଯୋଗାଯୋଗ୍ ଆଉ ପରିବହନ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ପୋଡ୍‌ନୁର୍-ଧାନ୍‌ବାଦ୍ ଅମୃତ୍ ଭାରତ୍ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନ୍‌ମନ୍ତ୍ରୀ ।

- ଇ ଟ୍ରେନ୍ ଓଡ଼ିଶାର୍ ୯ ଟା ଷ୍ଟେସନ୍ ଦେଇକରି ଯିବା ।

୨- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ରାଏଜର୍ ସ୍ୱାର୍ଥ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ହେଇଛେ ଆଲୋଚନା ।

- ଆଉ ୪ ଟା ଜିଲ୍ଲା ନ ଚାଉଲ୍ ଏଟିଏମ୍ ଖୁଲାଯିବା- ସୂଚ୍‌ନା ଦେଲେ ଯୋଗାଣ ମନ୍ତ୍ରୀ ।

୩- ରାଜ୍ୟର୍ ପ୍ରାଥମିକ ବିଦ୍ୟାଳୟ ଆଉ ଶିଶୁବାଟିକା ମାନ୍‌କେ ଆଏବା ୨ ତାରିଖ୍ ଦିନ ହେବା ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ।

ଆଉର୍

୪- ଓଡ଼ିଆ ଭାଷାର୍ ପ୍ରଚାର୍ ପ୍ରସାର୍ ସହେତେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ- ଟ୍ରେନ୍ ପ୍ରଧାନ୍‌ମନ୍ତ୍ରୀ କାର୍ଯ୍ୟାଳୟ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ତାମିଲ୍‌ନାଡୁର୍ ତିରୁଚିରାପଲ୍ଲୀ ନ ୩ ଟା ଅମୃତ୍ ଭାରତ୍ ଟ୍ରେନ୍ ୨ ଟା ଏକ୍ସପ୍ରେସ୍ ଟ୍ରେନ୍ ଆଉ ଗୁଟେ ପେସେଞ୍ଜର୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ । ଇଥିର୍‌ଭିତ୍‌ରେ କୋଏମ୍ବାଟୁର୍‌ର ପୋତ୍‌ନୁର୍ ଷ୍ଟେସନ୍‌ନୁ ଧାନ୍‌ବାଦ୍‌କେ ଗୁଟେ ଅମୃତ୍ ଭାରତ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ । ଯେନ୍‌ଟାକି ହପ୍ତାକ ଥରେ ଓଡ଼ିଶାର୍ ୯ ଟା ଷ୍ଟେସନ୍ ଦେଇକରି ଚଲାଚଲ୍ କର୍‌ବା । ଇ ଟ୍ରେନ୍ ଓଡ଼ିଶାର୍ ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ୍, ବଲାଙ୍ଗିର୍, ବର୍‌ଗଡ୍ ରୋଡ୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ରାଉର୍‌କେଲା ଷ୍ଟେସନ୍ ଦେଇକରି ଯିବାର୍ ସହେତେ ରାଏଜେ ରେଲ୍ ଯୋଗାଯୋଗ୍ ଆଉ ପରିବହନ୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବା ବଲି ଆଶ୍ କରାଯାଉଛେ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ର ୩ ନମ୍ବର୍ ଦିନେ ଆଏଜ୍ ଗୃହ କାର୍ଯ୍ୟ ଠିକ୍ ଭାବେ ଚାଲିଥିଲା । ରାଜ୍ୟର୍ ସ୍ୱାର୍ଥ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ମନ୍ତ୍ରୀମାନେ ସଦସ୍ୟମାନ୍‌କର୍ ପ୍ରଶ୍ନର୍ ଉତର୍ ରଖିଥିଲେ । ପ୍ରଶ୍ନକାଲ ସମିଆଥି ଆଏଜ୍ ୩ ଟା ପ୍ରଶ୍ନ ଉପ୍‌ରେ ଆଲୋଚନା ହେଇଥିଲା । ଏମ୍‌ଏସ୍‌ଏମ୍‌ଇ - ଇ ପାର୍କ ଥାପ୍‌ନା ଆଉ ଜୈବିକ ଚାଷ ପ୍ରସଙ୍ଗଥି ସଦସ୍ୟମାନେ ଅତିରିକ୍ତ ପ୍ରଶ୍ନ ପଚ୍‌ରେଇଥିଲେ । ଶୂନ୍ୟକାଲ ସମିଆଥି ବିଜେଡ଼ି ସଦସ୍ୟମାନେ ସେରଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟ୍‌ନାକେ ନେଇକରି ହୋହଲ୍ଲା କର୍‌ବାର୍‌ନୁ ଗୃହ ୨ ମିନିଟ୍ ଲାଗି ମୁଲ୍‌ତବୀ ହେଇଥିଲା । ତାର୍ ଉତ୍‌ରୁ ପ୍ରବାସୀ ଶ୍ରମିକ ପ୍ରସଙ୍ଗକେ ନେଇକରି ବିରୋଧୀ ସଦସ୍ୟଙ୍କର୍ ମୁଲ୍‌ତବୀ ପ୍ରସ୍ତାବ୍ ଉପ୍‌ରେ ଶ୍ରମମନ୍ତ୍ରୀ ଉତର୍ ରଖିଥିଲେ ।

ବିଧାନ୍‌ସଭା-ଶ୍ରମମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ନୂଆଁ ସର୍କାର୍ ଆଏବା ଦିନୁ ବାହାରେ ରହୁଥିବା ଓଡ଼ିଆ ଶ୍ରମିକ ଆଉ କର୍ମଚାରୀମାନ୍କର୍ ସୁରକ୍ଷାକେ ଗୁରୁତ୍ୱ ଦେଇ ଆସୁଛନ୍ ବଲି ଶ୍ରମ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ  ଆଏଜ୍ ବିଜେଡ଼ି ସଦସ୍ୟ ପ୍ରମିଳା ମଲ୍ଲିକ୍ ଆଉ ପ୍ରତାପ୍ କେଶରୀ ଦେବ ଓଡ଼ିଆ ଶ୍ରମିକ ଆଉ କର୍ମଜୀବୀମାନେ ରାଜ୍ୟ ଆଉ ଦେଶ୍ ବାହାରେ ନିର୍ଯ୍ୟାତନାର୍ ଶିକାର୍ ହଉଥିବାର୍ ଅଭିଯୋଗ୍‌ର ମୁଲ୍‌ତବୀ ପ୍ରସ୍ତାବ୍ ଉପ୍‌ରେ ଉତର୍ ରଖିକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍,  ଆଇନ୍ ଅନ୍‌ସାରେ ପ୍ରବାସୀ ଶ୍ରମିକ ମାନ୍କର୍ ନିଯୁକ୍ତି ଲାଗି ଠିକାଦାର୍‌ମାନ୍‌କୁ ଲାଇସେନ୍ସ ଦିଆଯିବାର୍ ସହେତେ କର୍ମସ୍ଥଳୀ ନ ସୁରକ୍ଷା ଆଉ ଅଲ୍‌ଗା ସୁବିଧା ସୁନିଶ୍ଚିତ୍ କରାଯାଉଛେ । ଶ୍ରମିକମାନ୍କର୍ କଲ୍ୟାଣ୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଟାସ୍କଫୋର୍ସ ଗଠନ୍ କରାଯାଇଛେ । ସେନ୍ତା କଲାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର୍, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ୧୪ ଟା ପ୍ରବାସୀ ଶ୍ରମିକ ପ୍ରବଣ ଜିଲ୍ଲା ନ ଶ୍ରମିକ ସହାୟତା ହେଲ୍ପଲାଇନ୍ ନମ୍ବର୍ ଜାରି କରାଯାଇଛେ । ପ୍ରବାସୀ ଶ୍ରମିକମାନ୍କର୍ ଲାଗି ବାହାର୍ ରାଜ୍ୟ ମାନ୍‌କେ ସହାୟତା ଡେସ୍କ ବ୍ୟବସ୍ଥା କରାଯିବାର୍

ସହେତେ ଶ୍ରମିକ କଲ୍ୟାଣ୍ ଯୋଜ୍ନା ମାନ୍କେ ଭିଲ୍ ସାମିଲ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ମନ୍ତ୍ରୀଙ୍କର୍ ଉତର୍ ଉତ୍ରୁ ଇ ବାବଦ୍ ମୁଲ୍ତବୀ ପ୍ରସ୍ତାବ୍କେ ବାଚସ୍ପତି ଖାରଜ୍ କରିଛନ୍ ।

ବିଧାନ୍ସଭା-ଏମ୍ଏସ୍ଏମ୍ଇ ଇ- ପାର୍କ   ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ୩୦ ଟା ଜିଲ୍ଲା ନ ଏମ୍ଏସ୍ଏମ୍ଇ ଇ- ପାର୍କ ଥାପ୍ନା ଲାଗି ସର୍କାର୍ ନିଷ୍ପତି ନେଇଛନ୍ ବଲି ବିଭାଗ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ବିଧାନ୍ସଭା ନ ଉତର୍ ରଖିଛନ୍ । ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍, ଇହାଦେ ରାଏଜେ ୧୪ ଟା ଜିଲ୍ଲା ନ ଏମ୍ଏସ୍ଏମ୍ଇ ଇ-ପାର୍କ ତିଆର୍ କାମ୍ ଶେଷ୍ ହେଇଛେ । ଆଏବା ମାସେ ଆଉ ୫ ଟା ପାର୍କର ନିର୍ମାଣ୍ କାମ୍ ଶେଷ୍ ହେବା । ଇ ବାବଦ୍ ଆଉ ଗୁଟେ ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍, ଆଘୋ ପିଏମ୍ ବିଶ୍ୱକର୍ମା ଯୋଜ୍ନାଥି ଖାଲି ୧ ହଜାର୍ ୮ ଶହ ୫ନ୍ ଜୁଡ଼ି ହେଇଥିଲେ । ନୂଆଁ ସର୍କାର୍ ଆସ୍ବାର୍ ଦିନୁ ଯୋଜ୍ନାଥି ୧ ଲାଖ୍ ୫ ହଜାର୍ ଲୁକ୍କୁ ସାମିଲ୍ କରାଯାଇଛେ । ଗାଁ ଇଲାକା ନ କୌଲିକ୍ବୃତିର

ପୁର୍ନଉଦ୍ଧାର୍ ସଙ୍ଗେ ଏମ୍ଏସ୍ଏମ୍ଇ କ୍ଲଷ୍ଟର୍ ତିଆର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ ୩୦ କୋଟି ଟଙ୍କାତକ୍ ସାହାଜ୍ ଯୁଗେଇ ଦଉଛନ୍ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ବିଧାନ୍ସଭା-ଆଇନ୍ମନ୍ତ୍ରୀ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ବଲଭଦ୍ର ଜୈବିକ ଚାଷ୍ ମିଶନ୍ଥି ୫ ବଛର୍ ଭିତ୍ରେ ୯୦ ହଜାର୍ ୬ ଶହ ୭୦ ହେକ୍ଟର୍ ଜମି ନ ଚାଷ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗୃହ ନ ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍ଥି କହିଛନ୍ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ତର୍ଫୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଯୋଜ୍ନାକେ ୧୧ ଟା ଜିଲ୍ଲା ନ କାର୍ଯ୍ୟକାରୀ କରାଯିବା । ଯୋଜ୍ନାଥି ଅମୃତ ଅନ୍ନ ବିଭାଗ୍ ଜରିଏ ପୁରୀ ନ ଶ୍ରୀଜଗନ୍ନାଥଙ୍କର କୋଠଭୋଗ ଆଉ ମହାପ୍ରସାଦ୍ ଲାଗି ଦାଏଲ୍ ଆଉ ଚାଉଲ୍ ଯୋଗାଣ ବ୍ୟବସ୍ଥା କରାଯିବା । ବଲଭଦ୍ର ଜୈବିକ ଚାଷ୍ ମିଶନ୍ଥି ୨ ଶହ ୭୦ ହେକ୍ଟର୍ ଜମି ନ ଅମୃତ୍ ଅନ୍ନ ଚାଷ୍ କରାଯାଉଛେ ବଲି ଆଇନ୍ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ଯୋଗାଣମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଏବ୍‌ତକ୍ ୪ ଲାଖ୍ ୯୬ ହଜାର୍ ୯ ଶହ ୧୯ ଟା ନୂଆଁ ରାସନ୍ କାର୍ଡ଼ ବଂଟାଯାଇଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ନୂଆଁ ରାସନ୍‌କାର୍ଡ଼ ଲାଗି ଏଛେନ୍‌ତକ୍ ୧୭ ଲାଖ୍ ୩୮ ହଜାର୍ ୯ ଶହ ୪୬ ଟା ଆବେଦନ୍ ଆସିଛେ । ୩ ଲାଖ୍ ୮୩ ହଜାର୍ ୩ ଶହ ୭୩ ଟା ଆବେଦନ୍‌ର କ୍ଷେତ୍ର ତର୍ଜମା ଚାଲିଛେ । ଯାଂଚ୍ ଉତ୍‌ରୁ ଯୋଗ୍ୟ ଆବେଦନ୍‌କାରୀଙ୍କୁ ରାସନ୍‌କାର୍ଡ଼ ଯୁଗେଇ ଦିଆଯିବା । ନୂଆଁ ରାସନ୍‌କାର୍ଡ଼ ଆବେଦନ୍ ଲାଗି ଇହାଦେ ଗୁଟେ ପୋର୍ଟାଲ୍ ଖୁଲାଯାଇଛେ । ଆଦିବାସୀ ଇଲାକାମାନ୍‌କେ ବିଭାଗୀୟ ଅଧିକାରୀମାନେ ଥିତି ଯାଂଚ୍ କରିକରି ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍‌କାର୍ଡ଼ ଦେବେ ବଲି ଯୋଗାଣ ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ଚାଉଲ୍ ଏଟିଏମ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଉ ୪ ଟା ଜିଲ୍ଲା ନ ଚାଉଲ୍ ଏଟିଏମ୍ ଖୁଲାଯିବା ବଲି ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ମନ୍ତ୍ରୀ କହିଛନ୍, ପହେଲା ଚାଉଲ୍ ଏଟିଏମ୍ ଖୋର୍ଦ୍ଧା ଜିଲ୍ଲାର୍ ମଂଚେଶ୍ୱର୍ ନୁ ଖୁଲାହେଇଛେ । ତାର୍ ଉତ୍‌ରୁ ଝାର୍‌ସୁଗୁଡ଼ା, ଢେଙ୍କାନାଲ୍, କେନ୍ଦୁଝର୍ ଆଉ ନବରଙ୍ଗ୍‌ପୁର୍ ନ ଆଉ ୪ ଟା ଏଟିଏମ୍ ଖୁଲାଯିବା ବଲି ମନ୍ତ୍ରୀ କହିଛନ୍ ।

ପ୍ରବେଶ୍ ଉତ୍ସବ୍, ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ହି.ସ.

ରାଜ୍ୟର୍ ଭିନ୍ ଭିନ୍ ପ୍ରାଥମିକ ବିଦ୍ୟାଳୟ ମାନ୍‌କୁ ଏପ୍ରିଲ୍ ୨ ତାରିଖ୍ ଦିନ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ମାର୍ଚ୍ଚ ୧୭ ନୁ ୧୯ ତାରିଖ୍‌ତକ୍ ନିମନ୍ତ୍ରଣ ପତ୍ର ବଂଟାଯିବା । ନିମନ୍ତ୍ରଣ ପତ୍ର ମୁଖ୍ୟମନ୍ତ୍ରୀଙ୍କର୍ ନାଁଥି ଛୁଆମାନ୍‌କୁ ଦିଆଯିବା । ଇଥିର୍‌ଲାଗି ଓସେପା ତର୍‌ଫୁ ୯ ସୂତ୍ରୀ ମାର୍ଗଦର୍ଶିକା ଜାରି କରାଯାଇଛେ । ଶିଶୁ ବାଟିକା ଆଉ ୧ ଶ୍ରେଣୀ ନ ନାଁଲେଖାବାର୍‌କେ ଥିବା ଛୁଆମାନ୍‌କର୍ ତାଲିକା ତିଆର୍ କରାଯିବା । ତାଲିକା ଅନ୍‌ସାରେ ବିଧାୟକ୍, ସାଂସଦ୍ ଆଉ ବରିଷ୍ଠ ଅଧିକାରୀମାନେ ନିମନ୍ତ୍ରଣ ପତ୍ର ବାଂଟ୍‌ବେ ।

ଇଥିର୍‌ଲାଗି ଫିଂ’ ଜିଲ୍ଲା ନ ସଚେତନତା ରଥ ବୁଲ୍‌ବା । ଡ୍ରପ୍‌ଆଉଟ୍ ପିଲାମାନ୍‌କୁ ଭିଲ୍ ଆସ ସ୍କୁଲ୍ ଯିବା ଯୋଜ୍‌ନାର୍ ୨ ନମ୍ବର୍ ଖେପ୍‌ଥି ଜୁଡ଼ାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ  ଆର୍‌ଏନ୍‌ୟୁ/
ସମ୍ବଲପୁର/ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ଭାଷାର୍ ବ୍ୟାପକ୍ ପ୍ରଚାର୍ ପ୍ରସାର୍ ସହେତେ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ରାଏଜେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ପାଲନ୍ କରାଯାଉଛେ । ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖ୍ ଦିନ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଓଡ଼ିଆ ଭାଷାକେ ଶାସ୍ତ୍ରୀୟ ଭାଷାର୍ ମାଏନ୍‌ତା ଦିଆଯାଇଥିଲା । ଐତିହ୍ୟ ସମ୍ପନ୍ନ, ପାରମ୍ପରିକ୍, ସ୍ୱାଧୀନ୍ ଆଉ ବହୁତ୍ ପୁରାତନ୍ ଭାଷା ଭାବେ ଓଡ଼ିଆ ଭାଷାକେ ସ୍ୱୀକୃତୀ ଦେବାର୍ ସହେତେ ଭାରତ୍ ସର୍‌କାର୍ ୬ ନମ୍ବର୍ ଭାଷା ଭାବେ ଓଡ଼ିଆକେ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେଇଥିଲେ । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ପାଲନ୍

କରାଯାଉଛେ । ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜନେଇଛନ୍ ।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଆଝିରର୍ ଯୁଆନ୍ ପିଢ଼ି ଆମର୍ ଭାଷାର୍ ବ୍ୟାପକ୍ ବେଭାର୍ କର୍‌ବାର୍ ଦର୍‌କାର୍ ଆଏ ବଲି ସମ୍ବଲ୍‌ପୁରର୍ ବିଶିଷ୍ଟ ଶିକ୍ଷାବିତ୍ ଆଉ ସଂସ୍କୃତି ଗବେଷକ ଡକ୍ଟର୍ ଶ୍ୟାମ୍‌ସୁନ୍ଦର୍ ଧର କହିଛନ୍ ।....

(ଭଏସ୍ ଓଭର୍ - ଶ୍ୟାମ୍‌ସୁନ୍ଦର୍ ଧର)

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର୍ ଓଡ଼ିଆ ଭାଷା ଆଉ ସାହିତ୍ୟ ବିଭାଗ୍ ତର୍‌ଫୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍

ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କଲେଜ୍ ଅଧ୍ୟକ୍ଷ ଡକ୍ଟର୍ ବିଜୟ କୁମାର୍ ମହାରଣା ଅଧ୍ୟକ୍ଷତା କରିଥିଲେ । ବୁଢ଼ାପାଲ୍ ପଂଚାୟତ୍ ସମିତି କଲେଜ୍ ଅଧ୍ୟାପକ ଡକ୍ଟର୍ ଭାରତ୍ ଭୂଷଣ୍ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇକରି ଓଡ଼ିଆ ଭାଷାକେ ଭଲ୍ ପାଏବାର୍ ସହେତେ ସବୁ କ୍ଷେତ୍ରନୁ ଇତାର୍ ବେଭାର୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ମାଓବାଦୀ ଆତ୍ମସମର୍ପଣ୍ କନ୍ଧମାଲ୍ ସମ୍ବାଦଦାତା

କନ୍ଧମାଲ୍ ଜିଲ୍ଲା ପୁଲିସ୍ ପାଖେ ଆଏଜ୍ ୧୦ ଝନ୍ ମାଓବାଦୀ ଆତ୍ମସମର୍ପଣ୍ କରିଛନ୍ । ସେମାନ୍‌କର୍ ଭିତ୍‌ରେ ୭ ଝନ୍ ମହିଳା ମାଓବାଦୀ ଅଛନ୍ । ଆତ୍ମସମର୍ପଣ୍ କରିଥିବା ସବୁ ମାଓବାଦୀଙ୍କର୍ ନାଁଥି ୧ କୋଟି ୬୫ ଲାଖ୍ ନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ଘୋଷ୍‌ନା ରହିଥିଲା । ଫୁଲ୍‌ବାଣୀ ରିଜର୍ଭ ପୁଲିସ୍ ପଡ଼ିଆ ନ ଅସ୍ତ୍ରଶସ୍ତ୍ର ସହେତେ ସ୍ୱତନ୍ତ୍ର ମାଓ ଅପରେସନ୍ ଅତିରିକ୍ତ ଡିଜି ସଞ୍ଜିବ୍ ପଣ୍ଡାଙ୍କର୍ ଉପସ୍ଥିତିଥି ସଭେ ଆଏଜ୍ ଆତ୍ମସମର୍ପଣ୍ କରିଛନ୍ । ଇସବୁ ମାଓବାଦୀମାନେ

ଛତିଶ୍‌ଗଡ୍‌ର ଆନ୍ ବଲି ଅତିରକ୍ତ ଡିଜି ଶ୍ରୀ ପଣ୍ଡା ସୂଚ୍‌ନା ଦେଇଛନ୍ ।

ମହିଳା ଚାଷୀ ସମ୍ମିଲନୀ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ କୃଷି ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ମହିଳା ଚାଷୀ ସମ୍ମିଲନୀ ହେଇଯାଇଛେ । ଜିଲ୍ଲା କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ପରିସର୍ ନ ହେଇଥିବା ସମ୍ମିଲନୀଥି ଜିଲ୍ଲା ନ ପ୍ରାକୃତିକ ପ୍ରଣାଲୀଥି ଚାଷ୍‌ବାସ୍ କରୁଥିବା ମହିଳା ଚାଷୀ ଆଉ ଓଡ଼ିଶା ଜୀବିକା ମିଶନ୍‌ର କୃଷିମିତ୍ର ମାନେ ଯୋଗ୍ ଦେଇଥିଲେ । କୃଷି କ୍ଷେତ୍ରର୍ ବିକାଶ୍ ସହେତେ ଇ ଦିଗେ ମହିଳାମାନ୍‌କର୍ ଅବଦାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସଫେଇ କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍‌ଏସି ତର୍‌ଫୁ ସଫେଇ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଥରେ ବେଭାର୍ ହେଉଥିବା

ପ୍ଲାଷ୍ଟିକ୍ ବନ୍ଦ୍ କର୍‌ବାର୍ ସହେତେ ପଲିଥିନ୍ ମୁକ୍ତ ସହର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା, କଟକ୍, ଜଗତ୍‌ସିଂହପୁର୍ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଧୁକାଗର୍ଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ରାଜ୍ୟର୍ ବାକି ଇଲାକା ପାଗ୍ ଶୁଖା ରହେବା । ଆଏବା ୨ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ତର୍‌ଫୁ ଅନୁମାନ୍ କରାଯାଇଛେ ।